# ସ୍ମରଣୀୟ ଅଲିମ୍ପିକ୍ସ

**ବିଦାୟ ନେଉଛି ୨୦୨୪। ଏହାଥିଲା ଅଲିମ୍ପିକ୍ସର ବର୍ଷ। ପାରାଲିମ୍ପିକ୍ସ ସମେତ ଅନେକ ବିଶ୍ୱସ୍ତରୀୟ କ୍ରୀଡ଼ା ଆୟୋଜନ ସହ ବିଦାୟୀ ବର୍ଷ ଏକାଧିକ କାରଣରୁ ସ୍ମରଣୀୟ ହୋଇଛି। ପ୍ରଥମ ଥର କୌଣସି ପଡ଼ିଆ ପରିବର୍ତ୍ତେ ଏକ ନଦୀରେ ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା କୌଣସି ସୀମା ମଧ୍ୟରେ ଆବଦ୍ଧ ନୁହେଁ ବୋଲି ଏହି ଗେମ୍ ପ୍ରମାଣିତ କରିଥିଲା। ମହିଳା ବର୍ଗରେ ପଦକ ଜିତିଥିବା ଆଲଜେରିଆର ଇମେନ ଖେଲିଫ୍ ପରେ ପୁରୁଷ ବୋଲି ମଧ୍ୟ ପ୍ରମାଣିତ ହେବା ବର୍ଷର ଅନ୍ୟତମ ଚର୍ଚ୍ଚିତ ଘଟଣା ହୋଇଥିଲା। ପାରାଲିମ୍ପିକ୍ସରେ ଭାରତୀୟ ଆଥଲେଟମାନେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ସହ ପଦକ ସଂଖ୍ୟାରେ ଇତିହାସ ରଚିବାରେ ସମର୍ଥ ହୋଇଥିଲେ। ହାତ ନ ଥାଇ ମଧ୍ୟ ପାରା ଆର୍ଚର ଶୀତଲ ଦେବୀ ପଦକ ଜିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ। ଏହି ବର୍ଷ ଅନେକ କିମ୍ବଦନ୍ତୀ ଖେଳାଳି କ୍ରୀଡ଼ା ଜଗତକୁ ଶୋକାଭିଭୂତ କରିଥିଲେ। ଆମେରିକା ଓ ୱେଷ୍ଟଇଣ୍ଡିଜ୍ ମାଟିରେ ଅନୁଷ୍ଠିତ ବିଶ୍ୱକପ ଜିତିବା ସହିତ ୧୧ ବର୍ଷର ଆଇସିସି ଟ୍ରଫି ମରୁଡ଼ିର ଅନ୍ତ ଘଟାଇଥିଲା ଟିମ୍ ଇଣ୍ଡିଆ...**

## ବିବାଦ


ଇମେନ୍ ଖେଲିଫ୍

୨୦୨୪ରେ ଏକାଧିକ ବିବାଦୀୟ କ୍ରୀଡ଼ା ଇଭେଣ୍ଟକୁ ନେଇ ଚର୍ଚ୍ଚାରେ ରହିଥିଲା। ପ୍ରଥମ ଭାରତୀୟ ଭାବରେ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିବା ଭିନେଶ ଫୋଗଟ ୧୦୦ ଗ୍ରାମ୍ ଅଧିକ ଓଜନ କାରଣରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏହାକୁ ନେଇ ସମଗ୍ର ଦେଶରେ ନିରାଶାର ଛାଇ ଖେଳି ଯାଇଥିଲା। ଭିନେଶ ଅବସର ଘୋଷଣା କରିବା ସହିତ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ।

**ଇମେନ୍ ଖେଲିଫ୍:** ଆଲଜେରିଆର ଇମେନ୍ ଖେଲିଫ ମହିଳା ବର୍ଗର ୬୬ କିଗ୍ରା ଓଜନରେ ଲଢ଼େଇ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ହୋଇଥିବା ମେଡିକାଲ ପରୀକ୍ଷଣରୁ ସେ ପୁଅ ବୋଲି ପ୍ରମାଣିତ ହୋଇଥିଲେ।

**ଟମ୍ କ୍ରେଗ୍:** ଅଷ୍ଟ୍ରେଲିଆ ହକି ଖେଳାଳି ଟମ୍ କ୍ରେଗ୍ ଅଲିମ୍ପିକ୍ସ ସମୟରେ କୋକେନ୍ କିଣି ଗିରଫ ହୋଇଥିଲେ।

**ବରୁଣ କୁମାର ଗିରଫ:** ଭାରତୀୟ ହକି ଦଳର ଖେଳାଳି ବରୁଣ କୁମାରଙ୍କ ନାମରେ ପୋକ୍ସୋ ଆକ୍ଟ ଅନୁସାରେ ବଳାତ୍କାର ମାମଲା ରୁଜୁ କରିଥିଲେ ବେଙ୍ଗାଲୁରୁର ଜଣେ ଯୁବତୀ। ତାଙ୍କୁ ଫସାଇ ୫ ବର୍ଷ ସମ୍ପର୍କ ରଖିଥିବା ଅଭିଯୋଗରେ ବରୁଣଙ୍କୁ ପୋଲିସ ଗିରଫ ମଧ୍ୟ କରିଥିଲା।

**ସ୍କୋପମାନଙ୍କ ଇସ୍ତଫା:** ହକି ଇଣ୍ଡିଆ ତାଙ୍କ କଥା ଶୁଣୁ ନ ଥିବା ସହ ତାଙ୍କୁ ସମ୍ମାନ ଦେଉ ନ ଥିବା ଅଭିଯୋଗ ଆଣି ଭାରତୀୟ ମହିଳା ହକି ଦଳ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ ଜାନିକ୍ ସ୍କୋପମାନ।

**ଶ'ଙ୍କ ନାମରେ ଯୌନ ଶୋଷଣ:** ଭାରତୀୟ କ୍ରିକେଟର ପୃଥ୍ୱୀ ଶ'ଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ ଆଣିଥିଲେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ସପ୍‌ନା ଗିଲ୍।

**ଡ୍ରାଗ୍ କୁଇନ:** ପ୍ୟାରିସ ଅଲିମ୍ପିକ୍ସରେ ଡ୍ରାଗ୍ କୁଇନ୍‌ଙ୍କ ପ୍ରଦର୍ଶନକୁ ବିଶ୍ୱବ୍ୟାପୀ ବିରୋଧ କରାଯାଇଥିଲା। 'ଦ ଲାଷ୍ଟ ସପର'ରେ ପୁରୁଷ କଳାକାରମାନଙ୍କୁ ମହିଳା ବେଶରେ ସଜାଇ ପ୍ରଦର୍ଶନ କରାଯିବା ଘଟଣାକୁ ସମଗ୍ର ବିଶ୍ୱରେ ନିନ୍ଦା କରାଯାଇଥିଲା।


ଭିନେଶ ଫୋଗଟ

## ନ୍ୟୁଜିଲାଣ୍ଡକୁ ମହିଳା ବିଶ୍ୱକପ

ମହିଳା ଟି୨୦ ବିଶ୍ୱକପରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଟାଇଟଲ ହାସଲ କରି ପ୍ରଥମ ଟ୍ରଫି ହାସଲ କରିଥିଲା ନ୍ୟୁଜିଲାଣ୍ଡ। ଆମେଲିଆ କେର୍‌ଙ୍କ ଅଲରାଉଣ୍ଡ ସଫଳତା ବଳରେ ନ୍ୟୁଜିଲାଣ୍ଡ ୩୨ ରନ୍‌ରେ ବିଜୟୀ ହୋଇଥିଲା। ଆମେଲିଆ କେର୍‌ଙ୍କୁ ପ୍ଲେୟର ଅଫ୍ ଦ ଫାଇନାଲ ଓ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା।

## ଆର୍ଜେଣ୍ଟିନା ଜିତିଲା କୋପା

କଲମ୍ବିଆକୁ ୧-୦ ଗୋଲରେ ପରାସ୍ତ କରି ରେକର୍ଡ ୧୬ ଥର ପାଇଁ କୋପା ଆମେରିକା ଟାଇଟଲ ହାସଲ କରିଥିଲା ଆର୍ଜେଣ୍ଟିନା। ଅତିରିକ୍ତ ସମୟରେ ଲଉରେଟୋ ମାର୍ଟିନେଜ ଆର୍ଜେଣ୍ଟିନା ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ।

## ମେସି, ବୋନମାଟି ପ୍ଲେୟର ଅଫ୍ ଦ ଇୟର


ଆଇଟାନା ବୋନମାଟି

ଲିଓନେଲ୍ ମେସି ଓ ଆଇଟାନା ବୋନମାଟିଙ୍କୁ ଫିଫା ପକ୍ଷରୁ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ପୂର୍ବରୁ ମେସି ରେକର୍ଡ ଅଷ୍ଟମ ଥର ପାଇଁ ବାଲନ୍ ଡି ଅର୍ ହାସଲ କରିଥିବା ବେଳେ ବୋନମାଟିଙ୍କୁ ମିଳିଥିଲା ବାଲନ୍ ଡି ଅର୍ ଫେମିନିନ ପୁରସ୍କାର। ଏହା ବ୍ୟତୀତ ବୋନମାଟି ଲୌରିଅସ୍ ସ୍ପୋର୍ଟ୍ସ ଓମେନ୍ ଅଫ୍ ଦ ଇୟର ରହିଥିଲେ। ସର୍ବିୟାର ନୋଭାକ୍ ଜୋକୋଭିଚ୍ ସ୍ପୋର୍ଟ୍ସ ମ୍ୟାନ୍ ଅଫ୍ ଦ ଇୟର ରହିଥିଲେ।

## ଆରସିବିକୁ ଡବ୍ଲ୍ୟୁପିଏଲ୍

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓମେନ୍ସ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଚାମ୍ପିୟନ ହୋଇ ୧୬ ବର୍ଷର ଟ୍ରଫି ମରୁଡ଼ି ଶେଷ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ଉଇକେଟରେ ପରାସ୍ତ କରି ଟ୍ରଫି କରାୟତ୍ତ କରିଥିଲା ଆରସିବି। ଭାରତୀୟ ସ୍ପିନର ଶ୍ରେୟଙ୍କା ପାଟିଲ ପ୍ଲେୟର ଅଫ୍ ଦ ଫାଇନାଲ ହୋଇଥିଲେ।

### କେକେଆର୍ ଆଇପିଏଲ୍ ଚାମ୍ପିୟନ

କୋଲକାତା ନାଇଟ ରାଇଡର୍ସ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଆଇପିଏଲର ୧୭ ତମ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଶ୍ରେୟସ ଆୟରଙ୍କ କୋଲକାତା ନାଇଟ୍ ରାଇଡର୍ସ ୮ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ତୃତୀୟ ଥର ଆଇପିଏଲ୍ ବିଜୟୀ ହୋଇଥିଲା। ଗୌତମ ଗମ୍ଭୀର ଏହି ଦଳର ମେଣ୍ଟର ରହିଥିବା ବେଳେ ଭାରତୀୟ ଦଳର କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ।

## ଅବସର

ଅନେକ ପ୍ରସିଦ୍ଧ କ୍ରୀଡାବିତ୍ ନିଜ ଅନ୍ତର୍ଜାତୀୟ କ୍ୟାରିୟରକୁ ଅଲବିଦା ଜଣାଇଥିଲେ। ଭାରତୀୟ ଦଳର ତାରକା ଖେଳାଳି ବିରାଟ କୋହଲି, ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଅନ୍ତର୍ଜାତୀୟ ଟି୨୦ରୁ ଅବସର ଘୋଷଣା କରିଥିଲେ। ଟି୨୦ ବିଶ୍ୱକପ ବିଜୟ ପରେ ୩ ଖେଳାଳି ଅବସର ଘୋଷଣା କରିଥିଲେ। ୨୨ ଥର ଗ୍ରାଣ୍ଡସ୍ଲାମ ବିଜେତା ରାଫେଲ ନାଡାଲ ଚର୍ଚ୍ଚିତ ଚେହେରା ଭାବରେ ଅବସର ଘୋଷଣା କରିଥିଲେ। ଅଷ୍ଟ୍ରେଲିଆ ଓପନର ଡେଭିଡ୍ ୱାର୍ନର, ଭାରତୀୟ ସ୍ପିନର ଶାହବାଜ ନଦିମ୍, ମିଷ୍ଟର ଆଇସିସି ଶିଖର ଧାୱନ, ଶାକିବ୍ ଅଲ ହସନ, ଭାରତୀୟ ଫୁଟବଲର ଲୋକପ୍ରିୟ ତାରକା ତଥା କ୍ୟାପଟେନ୍ ଫାଣ୍ଟାଷ୍ଟିକ୍ ଭାବରେ ପରିଚିତ ସୁନୀଲ ଛେତ୍ରୀ ଅବସର ଘୋଷଣା କରିଥିଲେ। ତାରକା ଜିମ୍ନାଷ୍ଟ ଦୀପା କର୍ମକାର ମଧ୍ୟ ଅବସର ଘୋଷଣା କରିଥିଲେ।

ଭାରତୀୟ ଉଇକେଟ କିପର ବ୍ୟାଟର ଦୀନେଶ କାର୍ତ୍ତିକ, କେଦାର ଯାଦବ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଥିଲେ। ଭାରତୀୟ ହକି ଦଳର ଗୋଲକିପର ପି.ଆର. ଶ୍ରୀଜେଶ୍ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟ ପରେ ଅବସର ଘୋଷଣା କରିଥିଲେ। ଏହାପରେ ଶ୍ରୀଜେଶ ଭାରତୀୟ ଜୁନିୟର ପୁରୁଷ ଦଳର କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ।


ବିରାଟ କୋହଲି ଓ ରୋହିତ ଶର୍ମା

## ଅଲିମ୍ପିକ୍ସରେ ନୂତନ ସମ୍ଭାବନା


ଅମନ ଶେରାୱତ

ଅଲିମ୍ପିକ୍ସ ବର୍ଷରେ ପ୍ୟାରିସ୍ ୨୦୨୪ ଶେଷ ହୋଇଛି କ୍ରୀଡା ମହାକୁମ୍ଭ। ସେନ୍ ନଦୀ ଉପରେ ଉଦ୍‌ଘାଟନୀ ସମାରୋହ ସହିତ ଏହି ଇଭେଣ୍ଟ ଆରମ୍ଭ ହୋଇଥିଲା। ଭାରତ ସମୁଦାୟ ୬ ପଦକ ସହ ତାଲିକାର ୭୦ ତମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ଗତ ସଂସ୍କରଣ ତୁଳନାରେ ଭାରତର ପ୍ରଦର୍ଶନ ଏତେଟା ଆଖିଦୃଶିଆ ରହି ନ ଥିଲା। ତେବେ ମନୁ ଭାକର ଓ ଅମନ ଶେରାୱତଙ୍କ ଭଳି ଯୁବ ଖେଳାଳି ପଦକ ଜିତି ନୂତନ ସମ୍ଭାବନା ସୃଷ୍ଟି କରିଛନ୍ତି। ଭାରତ ଗୋଟିଏ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ ପକ୍ଷରୁ ମନୁ ଭାକର ଏକାକୀ ଦୁଇଟି ପଦକ ଜିତିଥିବା ବେଳେ ନୀରଜ ଚୋପ୍ରା, ସରବଜୋତ ସିଂ, ସ୍ୱପ୍ନିଲ କୁସାଲେ, ଅମନ ଓ ଭାରତୀୟ ପୁରୁଷ ହକି ଦଳ ଗୋଟିଏ ଲେଖାଏ ପଦକ ଜିତିଥିଲେ।

**ସରବଜୋତ ସିଂ:** ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସରବଜୋତ ସିଂ ଓ ମନୁ ଭାକର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ଜିତିଥିଲେ। ମନୁ ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିବା ବେଳେ ସରବଜୋତଙ୍କ ପାଇଁ ଏହା ପ୍ରଥମ ପଦକ ରହିଥିଲା।

**ସ୍ୱପ୍ନିଲ କୁସାଲେ:** ମହାରାଷ୍ଟ୍ରର ୨୮ ବର୍ଷୀୟ ସ୍ୱପ୍ନିଲ କୁସାଲେ ପୁରୁଷ ୫୦ ମିଟର ରାଇଫଲ ଥ୍ରି ପୋଜିଶନରେ ଭାରତ ପାଇଁ ଆଉ ଏକ ବ୍ରୋଞ୍ଜ ଜିତିଥିଲେ। ପ୍ୟାରିସ୍‌ରେ ଏହା ଶୁଟିଂରେ ଭାରତର ତୃତୀୟ ପଦକ ରହିଥିଲା।

ବ୍ରୋଞ୍ଜ ବଜାୟ ରଖିଲା ଭାରତ: ଟୋକିଓ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ସଫଳତାକୁ ଭାରତ ପ୍ୟାରିସରେ ବଜାୟ ରଖିବାରେ ସଫଳ ହୋଇଥିଲା। ସ୍ପେନ୍‌କୁ ୨-୧ ଗୋଲରେ ହରାଇବା ସହ ବ୍ରୋଞ୍ଜ ପଦକ ହାସଲ କରିଥିଲା ଭାରତ।

**ଅମନଙ୍କୁ ବ୍ରୋଞ୍ଜ:** ସେମିଫାଇନାଲରେ ପରାଜିତ ହୋଇଥିବା ହରିୟାଣାର ୨୧ ବର୍ଷୀୟ ଅମନ ଶେରାୱତ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ସାମିଲ ହୋଇଥିଲେ। ବ୍ରୋଞ୍ଜ ପଦକ ମ୍ୟାଚ୍ ପୂର୍ବରୁ ଅମନ ୪.୬ କିଗ୍ରା ଓଜନ ହ୍ରାସ କରିଥିଲେ। ପୁଏର୍ଟୋ ରିକୋର ଡାରିଆନ୍ କ୍ରୁଜ୍‌ଙ୍କୁ ୧୩-୫ରେ ହରାଇ ବ୍ରୋଞ୍ଜ ପଦକ ଜିତିଥିଲେ ଅମନ।


ଆରିନା ସାବାଲେଙ୍କା

## ଗ୍ରାଣ୍ଡସ୍ଲାମରେ ସାବାଲେଙ୍କା ସଫଳ

ଟେନିସ୍ ଗ୍ରାଣ୍ଡସ୍ଲାମ ବିଜୟରେ ବେଲାରୁଷର ଆରିନା ସାବାଲେଙ୍କା ପ୍ରଥମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ ଓ ୟୁଏସ୍ ଓପନ ଜିତିବା ସହ ସେ ସଫଳ ରହିଥିଲେ। ଅନ୍ୟପକ୍ଷରେ ଇଗା ସ୍ୱିଟେକ୍ ଫ୍ରେଞ୍ଚ ଓପନ ଓ ବାର୍ବୋରା କ୍ରେଜିକୋଭା ୱିମ୍ବଲଡନ୍ ଜିତିଥିଲେ। ପୁରୁଷ ଖେଳାଳିଙ୍କ ମଧ୍ୟରେ ଜାନିକ୍ ସିନର ଅଷ୍ଟ୍ରେଲିଆନ୍ ଓପନ ଓ ୟୁଏସ୍ ଓପନ ବିଜୟୀ ହୋଇଥିଲେ। ସେହିପରି କାର୍ଲୋସ୍ ଅଲକାରାଜ ଫ୍ରେଞ୍ଚ ଓପନ ଓ ୱିମ୍ବଲଡନ୍ ଜିତିଥିଲେ।


ମାକ୍ସ ଭର୍ଷ୍ଟାପେନ୍

## ଭର୍ଷ୍ଟାପେନ୍ ଚାମ୍ପିୟନ

ଫର୍ମୁଲା ୱାନ୍ ଗ୍ରାଁ ପ୍ରି ୨୦୨୪ ବର୍ଷା ମାକ୍ସ ଭର୍ଷ୍ଟାପେନ୍‌ଙ୍କ ଜଲୱା ଦେଖିବାକୁ ମିଳିଥିଲା। ୮ ଗ୍ରାଁ ପ୍ରିରେ ବିଜୟ ସହିତ ବର୍ଷ ଶେଷ ହେବା ପୂର୍ବରୁ ଚାମ୍ପିୟନ ଟାଇଟଲ ହାସଲ କରିସାରିଥିବା ଭର୍ଷ୍ଟାପେନ୍‌ଙ୍କ ଏହା କ୍ରମାଗତ ଟାଇଟଲ ବିଜୟ। ଏହା ସହିତ ଚତୁର୍ଥ ଥର ପାଇଁ ସେ ଫର୍ମୁଲା ୱାନ୍ ଟାଇଟଲ ହାସଲ କରିଛନ୍ତି।

## ମନୁ ଭାକର


ମନୁ ଭାକର

ଟୋକିଓ ବିଫଳତାକୁ ପଛରେ ପକାଇ ମନୁ ଭାକର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରଥମ ଭାରତୀୟ ମହିଳା ଶୁଟର ଭାବରେ ଅଲିମ୍ପିକ୍ସ ପଦକ ଜିତିବାର ରେକର୍ଡ ମଧ୍ୟ ସେ ନିଜ ନାମରେ କରିଥିଲେ।

## ନୀରଜ ଚୋପ୍ରା


ନୀରଜ ଚୋପ୍ରା

ଭାରତର ଗୋଲ୍ଡେନ ବୟ ନୀରଜ ଆହତ ସମସ୍ୟା ସତ୍ତ୍ୱେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ଟୋକିଓ ସ୍ୱର୍ଣ୍ଣ ପରେ ନୀରଜଙ୍କ ନିକଟରୁ ସମାନ ସଫଳତା ଆଶା ମଧ୍ୟ ରହିଥିଲା। ମାତ୍ର ୮୯.୪୫ ମିଟରର ଥ୍ରୋ ସହିତ ନୀରଜ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଥିଲେ। ପାକିସ୍ତାନର ଅର୍ଶଦ ନଦିମ୍ ୯୨.୯୭ ମିଟରର ଥ୍ରୋ ସହ ସ୍ୱର୍ଣ୍ଣ ଜିତିଥିଲେ।

## ପାରାଲିମ୍ପିକ୍ସରେ ଇତିହାସ

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ସହିତ ଇତିହାସ ରଚିଥିଲା। ଭାରତୀୟ ପାରା ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରିବା ସହ ସର୍ବମୋଟ ୨୯ ପଦକ ବିଜୟୀ ହୋଇଥିଲେ। ଏହା ମଧ୍ୟରେ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୩ ବ୍ରୋଞ୍ଜ ପଦକ ସାମିଲ ଥିଲା। ଏହା ସହ ଓଭର ଅଲ ପଦକ ତାଲିକାରେ ଭାରତ ୧୮ତମ ସ୍ଥାନ ହାସଲ କରିଥିଲା। ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଭାରତ ୧୯ ପଦକ ହାସଲ କରିଥିଲା। ଭାରତ ପକ୍ଷରୁ ଅଭନି ଲେଖରା, ନୀତେଶ କୁମାର, ସୁମିତ ଆଣ୍ଟିଲ, ହରବିନ୍ଦର ସିଂ, ଧରମବୀର, ପ୍ରବୀଣ କୁମାର ଓ ନବଦୀପ ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

ମନୀଷ ନରୱାଲ, ନିଶାଦ କୁମାର, ଯୋଗେଶ କଥୁନିୟା, ତୁଳସୀମତି ମୁରୁଗାସେନ, ସୁହାସ ୟଥିରାଜ, ଅଜିତ ସିଂ, ଶରଦ କୁମାର, ସଚିନ୍ ସର୍ଜେରାଓ ଖିଲାରୀ ଓ ପ୍ରଣବ ସୁରମା ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ମୋନା ଅଗ୍ରୱାଲ, ପ୍ରୀତି ପାଲ୍, ରୁବିନା ଫ୍ରାନ୍ସିସ୍, ମନୀଷା ରାମଦାସ, ଶୀତଲ ଦେବୀ ଓ ରାକେଶ କୁମାର, ନିତ୍ୟା ଶିବନ, ଦୀପ୍ତି ଜୀବନଜି, ମରିୟାପ୍ପନ ଥଙ୍ଗାଭେଲୁ, ସୁନ୍ଦର ସିଂ ଗୁର୍ଜର, କପିଲ ପରମାର, ହୋକାଟୋ ହୋଟୋଝେ ସେମା ଓ ସିମରନ୍ ବ୍ରୋଞ୍ଜ ପଦକ ଜିତିଥିଲେ।

ପ୍ରୀତି ପାଲ୍ ଟ୍ରାକ୍ ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ପଦକ ବିଜୟୀ ହୋଇଥିଲେ। ୧୦୦ ମିଟର ମହିଳା ଟି୩୫ ବର୍ଗରେ ପ୍ରୀତି ପଦକ ଜିତି ଇତିହାସ ରଚିବାରେ ସମର୍ଥ ହୋଇଥିଲେ। ୧୦୦ ମିଟର ଦୌଡରେ ପ୍ରୀତି ୧୪.୨୧ ସେକେଣ୍ଡର ଟାଇମିଂ ନେଇଥିଲେ। ପରେ ୨୦୦ ମିଟର ସ୍ପ୍ରିଣ୍ଟରେ ଆଉ ଏକ ପଦକ ଜିତି ମୋଟ ପଦକ ସଂଖ୍ୟା ୨ରେ ପହଞ୍ଚାଇଥିଲେ। ଟୋକିଓରେ ସ୍ୱର୍ଣ୍ଣ ବିଜେତା ସୁମିତ ଆଣ୍ଟିଲ ବିଶ୍ୱ ରେକର୍ଡ ସହ ଆଉ ଏକ ସ୍ୱର୍ଣ୍ଣ କରାୟତ୍ତ କରିଥିଲେ। ପୂର୍ବରୁ ତାଙ୍କ ନାମରେ ୬୮.୫୫ ମିଟରର ରେକର୍ଡ ରହିଥିବା ବେଳେ ସେ ୭୦.୫୯ ମିଟର ଥ୍ରୋ କରିଥିଲେ। ଅଭନି ଲେଖରା ୧୦ ମିଟର ଏୟାର ରାଇଫଲ ଏସ୍‌ଏଚ୍୧ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଅଭନି। ଟୋକିଓରେ ସ୍ୱର୍ଣ୍ଣ ବିଜୟୀ ଅଭନି ନିଜ ରେକର୍ଡରେ ଉନ୍ନତି ଆଣିବା ପାଇଁ ୨୪୯.୭ ପଏଣ୍ଟ ସ୍କୋର କରିଥିଲେ। ପୁରୁଷ ରିକର୍ଭ ଇଭେଣ୍ଟ ଆର୍ଚେରୀରେ ଟୋକିଓ ବ୍ରୋଞ୍ଜ ବିଜେତା ହରବିନ୍ଦର ସିଂ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୁରୁଷ ହାଇଜମ୍ପର ଟି୬୪ ଇଭେଣ୍ଟରେ ଭାରତର ପ୍ରବୀଣ କୁମାର ଓ ପାରା ଜାଭେଲିନ୍ ଥ୍ରୋୟର ନବଦୀପ ସିଂ ୪୭.୩୨ ମିଟରର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ଭାରତୀୟ ଚେସ୍‌ର ସ୍ୱର୍ଣ୍ଣିମ ଅଧ୍ୟାୟ

ହଙ୍ଗେରୀରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ପ୍ରଥମଥର ପାଇଁ ଭାରତୀୟ ମହିଳା ଓ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହ ଚେସ୍ ଇତିହାସରେ ଯୋଡ଼ିଥିଲେ ସ୍ୱର୍ଣ୍ଣିମ ଅଧ୍ୟାୟ। ୪୫ତମ ଚେସ୍ ଅଲିମ୍ପିଆଡ୍‌ର ଅନ୍ତିମ ରାଉଣ୍ଡରେ ଭାରତୀୟ ପୁରୁଷ ଦଳ ସ୍ଲୋଭାନିଆକୁ ୩.୫-୦.୫ ଏବଂ ମହିଳା ଦଳ ଆଜରବୈଜାନକୁ ୩.୫-୦.୫ ପଏଣ୍ଟରେ ହରାଇଥିଲା। ଭାରତୀୟ ପୁରୁଷ ଦଳ ୧୧ ମ୍ୟାଚ୍‌ରୁ ୨୧ ପଏଣ୍ଟ ଅର୍ଜନ କରିଥିବା ବେଳେ ମହିଳା ଦଳ ୧୧ ମ୍ୟାଚ୍‌ରୁ ୧୯ ପଏଣ୍ଟ ସ୍କୋର କରିଥିଲା। ପୂର୍ବରୁ ଭାରତୀୟ ପୁରୁଷ ଦଳ ୨୦୧୪ ଓ ୨୦୨୨ରେ ଦୁଇଥର ଓ ମହିଳା ଦଳ ୨୦୨୨ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୁରୁଷ ଦଳର ଗ୍ରାଣ୍ଡମାଷ୍ଟର ଡି. ଗୁକେଶ, ଆର. ପ୍ରଜ୍ଞାନନ୍ଦ, ଭିଦିତ ସନ୍ତୋଷ ଗୁଜରାଠି, ଅର୍ଜୁନ ଇରିଗାସି ଓ ମହିଳା ଦଳରେ ଦ୍ରୋଣାଭାଲି ହାରିକା, ଦିବ୍ୟା ଦେଶମୁଖ, ଆର. ବୈଶାଳୀ ଓ ଭାନ୍ତିକା ଅଗ୍ରୱାଲ ସାମିଲ ଥିଲେ। ବ୍ୟକ୍ତିଗତ ଭାବରେ ଭାରତୀୟ ଖେଳାଳିଙ୍କୁ ୪ ସ୍ୱର୍ଣ୍ଣ ପଦକ ମଧ୍ୟ ମିଳିଥିଲା। ବୋର୍ଡ-୧ରେ ଖେଳୁଥିବା ଗୁକେଶ, ବୋର୍ଡ-୩ରେ ଅର୍ଜୁନ ଇରିଗାସୀ, ମହିଳା ବୋର୍ଡ ୩ରେ ଦିବ୍ୟା ଦେଶମୁଖ ଓ ବୋର୍ଡ-୪ରେ ଖେଳୁଥିବା ଭାନ୍ତିକା ଅଗ୍ରୱାଲ ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

## ପୋଡିୟମରେ ବିବାହ ପ୍ରସ୍ତାବ

ପ୍ୟାରିସ୍ ୨୦୨୪ରେ ଏକ ନିଆରା ପ୍ରପୋଜାଲ ଦେଖିବାକୁ ମିଳିଥିଲା। ଚାଇନାର ବ୍ୟାଡମିଣ୍ଟନ ଖେଳାଳି ହୁଆଙ୍ଗ ୟା କିଓଙ୍ଗ ମିକ୍ସଡ ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ପୋଡିୟମ ନିକଟରେ ସାଥୀ ଖେଳାଳି ଲିୟୁ ୟୁଚେନ ପ୍ରପୋଜ୍ କରିଥିଲେ। ଲା ଚାପେଲେ ଆରେନାରେ ମିକ୍ସଡ ଡବଲ୍ସ ଇଭେଣ୍ଟର ପଦକ ବିତରଣ ଶେଷ ହେବା ପରେ କିଓଙ୍ଗ ଫେରୁଥିବା ବେଳେ ଫୁଲତୋଡା ଓ ମୁଦି ସହ ସରପ୍ରାଇଜ୍ କରିଥିଲେ ଲିୟୁ। ପ୍ୟାରିସ୍‌ରେ ପୂର୍ବରୁ ଆର୍ଜେଣ୍ଟିନା ମହିଳା ହକି ଦଳର ଖେଳାଳି ମାରିଆ କ୍ୟାମ୍ପୟଙ୍କୁ ପ୍ରପୋଜ କରିଥିଲେ ଆର୍ଜେଣ୍ଟିନା ହ୍ୟାଣ୍ଡବଲ୍ ଦଳର ଖେଳାଳି ତଥା ବୟଫ୍ରେଣ୍ଡ ପାବଲୋ ସିମୋନେଟ। ଉଭୟ ମହିଳା ହକି ଓ ହ୍ୟାଣ୍ଡବଲ୍ ଦଳର ମ୍ୟାଚିଙ୍ଗ ୟୁନିଫର୍ମ ଫଟୋ ଅପ୍ ଚାଲିଥିବା ବେଳେ ଏହି ଘଟଣା ଘଟିଥିଲା।

## ସର୍ବାଧିକ ପଦକ


ସିମୋନ ବାଇଲ୍ସ

ଆମେରିକୀୟ ମହିଳା ଜିମ୍ନାଷ୍ଟ ସିମୋନ ବାଇଲ୍ସ ଅଲିମ୍ପିକ୍ସ ଇତିହାସର ସଫଳତମ ଆଥଲେଟର ମାନ୍ୟତା ହାସଲ କରିଛନ୍ତି। ବାଇଲ୍ସ ନିଜ ଅଲିମ୍ପିକ୍ସ କ୍ୟାରିୟରରେ ମୋଟ ୧୧ ପଦକ ହାସଲ କରି ସଫଳତମ ଜିମ୍ନାଷ୍ଟର ମାନ୍ୟତା ପାଇଛନ୍ତି। ଏହା ମଧ୍ୟରେ ୭ ସ୍ୱର୍ଣ୍ଣ ପଦକ ସମେତ ଦୁଇଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ସାମିଲ ରହିଛି। ଏହା ବ୍ୟତୀତ ବାଇଲ୍ସ ବିଶ୍ୱ ଚାମ୍ପିୟନଶିପରେ ମଧ୍ୟ ୩୦ ପଦକ ହାସଲ କରିଛନ୍ତି।

## ହାତ ନ ଥାଇ ଆର୍ଚର


ଶୀତଲ ଦେବୀ

ପ୍ୟାରିସ୍ ପାରାଲିମ୍ପିକ୍ସ ଗେମ୍ସରେ ଜଣେ ଆର୍ଚର ସମସ୍ତଙ୍କ ନଜରକୁ ଆସିଥିଲେ। ଏହି ମହିଳା ଖେଳାଳି ଜଣଙ୍କ ନାମ ଥିଲା ଶୀତଲ ଦେବୀ। ଶୀତଲଙ୍କ ହାତ ନ ଥିଲେ ମଧ୍ୟ ପାରାଲିମ୍ପିକ୍ସରେ ପଦକ ଜିତି ସେ ସମସ୍ତଙ୍କୁ ଚମକାଇ ଦେଇଥିଲେ। ବ୍ୟକ୍ତିଗତ ବର୍ଗରେ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ ଏହି ୧୭ ବର୍ଷୀୟା ବିସ୍ମୟ ବାଳିକା। ତେବେ ମିକ୍ସଡ ଟିମ୍ ଇଭେଣ୍ଟରେ ରାକେଶ କୁମାରଙ୍କ ସହ ବ୍ରୋଞ୍ଜ ପଦକ ବିଜୟୀ ହୋଇ ଇତିହାସ ରଚିଥିଲେ। ଜମ୍ମୁ -କଶ୍ମୀରର କ୍ଷିତୱାର ଜିଲାରେ ଜନ୍ମ ଗ୍ରହଣ କରିଥିବା ଶୀତଲ ବିଶ୍ୱର ଏକମାତ୍ର ଆର୍ଚର, ଯାହାଙ୍କ ହାତ ନାହିଁ। ତେବେ ଅଧ୍ୟବସାୟ ବଳରେ ସବୁ କିଛି ସମ୍ଭବ ଏହା ପ୍ରମାଣ କରି ଦେଇଛନ୍ତି ଶୀତଲ। ଭାରତୀୟ ଆର୍ମିର ନଜରରେ ପଡିବା ପରେ ଶୀତଲଙ୍କ ଭାଗ୍ୟ ବଦଳି ଯାଇଥିଲା।

## ପରଲୋକ


ସୁମିତ ଆଣ୍ଟିଲ

କ୍ରୀଡା ଜଗତକୁ ଅପୂରଣୀୟ କ୍ଷତି ସହିତ ଅନେକ କିମ୍ବଦନ୍ତୀ ଖେଳାଳି ଇହଧାମ ତ୍ୟାଗ କରିଥିଲେ। ବ୍ରାଜିଲର କିମ୍ବଦନ୍ତୀ ଫୁଟବଲର ତଥା କୋଚ୍ ମାରିଓ ଜାଗାଲୋ, ଜର୍ମାନୀର ଫ୍ରାଞ୍ଜ ବେକେନବର, ଦତ୍ତାଜୀ ରାଓ ଗାଏକ୍ୱାଡ, ଅଂଶୁମାନ ଗାଏକ୍ୱାଡ, ଦକ୍ଷିଣ ଆଫ୍ରିକାର ମାଇକ୍ ପ୍ରୋକ୍ଟର ପ୍ରାଣ ହରାଇଥିଲେ। ମାରାଥନରେ ବିଶ୍ୱରେକର୍ଡଧାରୀ କେଲଭିନ୍ କିପଟମ କାର୍ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ପାକିସ୍ତାନର ୧୭ ବର୍ଷୀୟା ଟେନିସ୍ ଖେଳାଳି ଜେହନାବ ଅଲୀ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ପାକିସ୍ତାନର ଆଉ ଜଣେ ୨୦ ବର୍ଷୀୟା ଜୁଡୋକା ମ୍ୟାଚ ସମୟରେ ପ୍ରାଣ ହରାଇଥିଲେ। ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ଧାମିକା ନିରୋଶାନାଙ୍କୁ ଅଜଣା ଆତତାୟୀ ଗୁଳିକରି ହତ୍ୟା କରିଥିଲେ।

## ଭାରତ ଜିତିଲା ଟି୨୦ ବିଶ୍ୱକପ

ଆଇସିସି ଟ୍ରଫି ଜିତିବାର ୧୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ବାର୍ବାଡୋସରେ ଟି୨୦ କ୍ରିକେଟ ବିଶ୍ୱକପ ବିଜୟୀ ହୋଇଥିଲା ଭାରତୀୟ କ୍ରିକେଟ ଦଳ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଭାରତ ଦ୍ୱିତୀୟ ଥର ପାଇଁ ଟି୨୦ ବିଶ୍ୱକପ କରାୟତ୍ତ କରିଥିଲା। ୨୦୨୨ ଦିନିକିଆ ବିଶ୍ୱକପ ଫାଇନାଲ ପରାଜୟର ଦୁଃଖ ଭୁଲିବା ପାଇଁ ଭାରତୀୟ ଫ୍ୟାନ୍‌ଙ୍କୁ ସୁଯୋଗ ଦେଇଥିଲା ଟିମ୍ ଇଣ୍ଡିଆ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନରେ ସୀମିତ ରହିଲା। ଭାରତ ପକ୍ଷରୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିରାଟ କୋହଲି ୭୫ ରନ୍ କରି ଫାଇନାଲର ହିରୋ ରହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ହେନରିଚ୍ କ୍ଲାସେନ ୫୨, କ୍ୱିଣ୍ଟନ ଡିକକ୍ ୩୯ ଓ ଟ୍ରିଷ୍ଟନ ଷ୍ଟବ୍ସ ୩୧ ରନକରି ବିଜୟ ପାଇଁ ଆଶା ସଞ୍ଚାର କରିଥିଲେ। ଯଶପ୍ରୀତ୍ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ ସିଂ ଚମତ୍କାର ବୋଲିଂ କରି ମ୍ୟାଚର ମୋଡ଼ ବୁଲାଇ ଦେଇଥିଲେ। ଯଶପ୍ରୀତ୍ ବୁମରା ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ହୋଇଥିଲେ।


ଟି୨୦ ବିଶ୍ୱକପ ଟ୍ରଫି ସହ ଭାରତୀୟ କ୍ରିକେଟ ଦଳ

## କୃଷ୍ଣ ସାହା ନିମଖଣ୍ଡି ଥାନାର ନୂଆ ଅଧିକାରୀ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ପୋଲିସ ଜିଲା ନିମଖଣ୍ଡି ଥାନାରେ ଗୁରୁବାର କୃଷ୍ଣ ସାହା ନୂତନ ଥାନାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଗଞ୍ଜାମ ପୋଲିସ ଜିଲା କୋଦଳା ଥାନା ଅଧିକାରୀ ଥିଲେ। ଥାନା ଅଞ୍ଚଳରେ ଜନସାଧାରଣଙ୍କ ସହଯୋଗରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସହ ଅପରାଧ ଦମନ ଦିଗରେ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ବରିଷ୍ଠ ନାଗରିକ, ଶିଶୁ ଓ ମହିଳାଙ୍କୁ ଥାନାରେ ସମ୍ମାନ ଦିଆଯିବ ସହ ସେମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ। ଥାନା କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି।

## ସଂକ୍ଷେପରେ

### ୩ ସାଇକେଲ ଚୋର ଗିରଫ

ବ୍ରହ୍ମପୁର,୧୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ସାଇକେଲ ଚୋରି ଅଭିଯୋଗରେ ଗୋସାଣିନୂଆଗାଁ ଥାନା ପୋଲିସ ୩ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ୨ ନାବାଳକ ଅଛନ୍ତି। ଗିରଫ ଅଭିଯୁକ୍ତ ଜଣଙ୍କ ଆଙ୍କୁଲିର ଆକାଶ ବାହାଦୂର(୧୯)। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର ପରେ ବାଳସୁଧାର ଗୃହକୁ ପଠାଯାଇଛି। ହିଲପାଟଣାରେ ରହୁଥିବା ଜ୍ୟୋସ୍ନା ଗମାଙ୍ଗ(୪୪)ଙ୍କ ଘରେ ସମ୍ମୁଖରେ ତାଙ୍କ ପୁଅ ସାଇକେଲ ରଖିଥିଲେ। କେହି ଚୋରାଇ ନେବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଅଭିଯୋଗକାରୀଙ୍କ ଘର ନିକଟରୁ ୩ ଯୁବକ ଉକ୍ତ ସାଇକଲ ଚୋରି କରି ନେଉଥିବା ପୋଲିସ ଦେଖିବାକୁ ପାଇଥିଲା। ପରେ ସେମାନଙ୍କୁ ପୋଲିସ ଗିରଫ କରିଥିଲା।

### ନାବାଳିକାଙ୍କୁ ଅସଦାଚରଣ, ଉତ୍ତେଜନା

ବ୍ରହ୍ମପୁର,୧୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ଏକ ସାହିରେ ଜଣେ ୯ ବର୍ଷୀୟ ନାବାଳିକାଙ୍କୁ ଅସଦାଚରଣ ହୋଇଛି। ଯାହାକୁ ନେଇ ସାହିରେ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁବାର ନାବାଳିକା ଜଣଙ୍କ ନିଜ ସାଙ୍ଗ ସହ ଖେଳୁଥିବା ବେଳେ ସେହି ସାହିର ଜଣେ ଯୁବକ ତାଙ୍କୁ ରୁମାଲ ଦେବା ବାହାନାରେ ଘରକୁ ଡାକି ନେଇ ଅସଦାଚରଣ କରିଥିଲେ। ତେବେ ନାବାଳିକା ଜଣଙ୍କ ଚିତ୍କାର କରିବାରୁ ଯୁବକ ଜଣଙ୍କ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ନାବାଳିକା ଜଣଙ୍କ ନିଜ ପରିବାର ଲୋକେଙ୍କୁ ଜଣାଇବା ପରେ ପରିବାର ଲୋକେ ଓ ସାହି ବାସିନ୍ଦା ସଂପୃକ୍ତ ଯୁବକଙ୍କ ଘରେ ପହଞ୍ଚି ପଚରାଉଚରା କରିଥିଲେ। ଯାହାକୁ ନେଇ ସାହିରେ ଉତ୍ତେଜନା ପ୍ରକାଶ ପାଇଛି। ପିଡ଼ିତାଙ୍କ ପରିବାର ଥାନାକୁ ଆସି ଏନେଇ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି।

### ୨ ବାଇକ ମୁହାଁମୁହିଁ, ୪ ଗୁରୁତର

ହିଞ୍ଜିଳିକାଟୁ, ୧୨।୧୨ (ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ୫୯ ନମ୍ବର ଜାତୀୟ ରାଜପଥ ସାରୁ-ସମରଝୋଳ ମଧ୍ୟରେ ଗୁରୁବାର ରାତିରେ ୨ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ହିଞ୍ଜିଳି ଥାନା ସୋମପୁର ଗ୍ରାମର ସାଇରାମ ଗୌଡ଼, ନିମଖଣ୍ଡି ଥାନା ବୋଗିଗାଁର ଅଜୟ ସେଠି, ଗିରିଧର ସାହୁ ଓ ବିଭୂ ସେଠି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ମୋଟର ସାଇକେଲକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଛାତ୍ରୀ ବଳାତ୍କାର ଘଟଣା, ଯୁବକଙ୍କୁ କୋର୍ଟଚାଲାଣ

ଗୋପାଳପୁର,୧୨।୧୨(ନବୀନ ରାଜ ଆଚାରୀ)

ଛାତ୍ରୀକୁ ଅପହରଣ ପରେ ବଳାତ୍କାର କରିବା ଘଟଣାରେ ଗୁରୁବାର ଗୋଲନ୍ଥରା ଥାନା ପୋଲିସ ବଳାତ୍କାରୀକୁ ଗିରଫ କରି ଅପରାହ୍ଣରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗଜପତି ଜିଲା ଅଡ଼ବା ଥାନା ଅଧିନସ୍ଥ ଏକ ଗ୍ରାମର ସୋନିଆ ବଡ଼ ନାୟକ (୨୪)। ସୂଚନାନୁସାରେ ଗଜପତି ଜିଲା ଅଡ଼ବା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ ଗୋଲନ୍ଥରା ଥାନା ଅଞ୍ଚଳର ଏକ ଘରୋଇ ନର୍ସ କଲେଜରେ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ଗତ ୫ ତାରିଖ ସନ୍ଧ୍ୟାରେ ନାବାଳିକା କୌଣସି କାମ ପାଇଁ ବାହାରକୁ ଯାଇଥିବା ବେଳେ ଆଉ କଲେଜକୁ ଫେରିନଥିଲେ। କଲେଜ ପକ୍ଷରୁ ଛାତ୍ରୀଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ସ୍ଥାନୀୟ ଓ ଆଖପାଖ ସମ୍ପର୍କୀୟ ଘରେ ଖୋଜା ଖୋଜି କରିବା ପରେ ସୋନିଆ ତାଙ୍କ ଝିଅକୁ ଜୋର ଜବରଦସ୍ତ ଅପହରଣ କରିଥିବା ନେଇ ବାପା ଗୋଲନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନା କେସ୍ ନଂ ୫୩୮/୨୪ରେ ଅପହରଣ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଭଞ୍ଜନଗର ଅଞ୍ଚଳର ଏକ ଭଡ଼ା ଘରେ ସୋନିଆ ଓ ଛାତ୍ରୀ ରହୁଥିବା ଖବର ପାଇ ଗୁରୁବାର ସକାଳେ ଏକ ପୋଲିସ ଟିମ ସେଠାରେ ଚଢ଼ାଉ କରି ସୋନିଆକୁ ଧରିବା ସହ ନାବାଳିକାକୁ ଉଦ୍ଧାର କରିଥିଲେ। ପରେ ପୋଲିସ ବ୍ରହ୍ମପୁର ବଡ଼ ମେଡିକାଲରେ ଛାତ୍ରୀ ଓ ସୋନିଆଙ୍କ ଡାକ୍ତରି ମାଇନା କରିଥିଲା। ସୋନିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପଟେ ବିଚାରପତିଙ୍କ ସମ୍ମୁଖରେ ବିଏନ୍ଏସ୍ ୧୮୩ ଧାରା ଅନୁସାରେ ବୟାନ ରେକର୍ଡ କରାଯାଇଛି।

# ଖଣି ବନ୍ଦରୁ ଶ୍ରମିକଙ୍କ ଜୀବିକା ଦ୍ୱନ୍ଦ୍ୱରେ

ବ୍ରହ୍ମପୁର, ୧୨।୧୨(ଅଶୋକ କୁମାର ସାହୁ)



ବ୍ରହ୍ମପୁର ନିକଟରେ ଥିବା ପଥର ଖାଦାନ।

ଗଞ୍ଜାମ ଓ ଗଜପତି ଜିଲାର ଖଣି ଖାଦାନ ଓ ଗ୍ରାନାଇଟ କମ୍ପାନୀଗୁଡିକରେ ଅନେକ ଶ୍ରମିକ କାମ କରୁଛନ୍ତି। କିନ୍ତୁ ବିଭିନ୍ନ କାରଣରୁ ଦୁଇ ଜିଲାର ଅନେକ ଖଣି ବନ୍ଦ ଯୋଗୁ ଗ୍ରାନାଇଟ କମ୍ପାନୀଗୁଡିକ ଉପରେ ତା'ର ପ୍ରଭାବ ପଡିଛି। ପଥର ଅଭାବରୁ ବହୁ ଗ୍ରାନାଇଟ କମ୍ପାନୀ ବି ବନ୍ଦ ହୋଇଯାଇଛି। ଫଳରେ ବହୁ ଶ୍ରମିକଙ୍କ ଜୀବିକା ଦ୍ୱନ୍ଦ୍ୱରେ ପଡିଯାଇଥିବାରୁ ଦାଦନ ଖଟିବାକୁ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଦିନକୁ ଦିନ ଦାଦନ ସମସ୍ୟା ଅଧିକ ହେବାରେ ଲାଗିଛି। ଗଞ୍ଜାମ ଓ ଗଜପତି ଜିଲାରେ ମୋଟ ୨୮ଟି ଗ୍ରାନାଇଟ ଖଣି ରହିଛି। ସେଥିରୁ ଗଜପତି ଜିଲାରେ ୫ଟି ଓ ଗଞ୍ଜାମ ଜିଲାରେ ୨୩ ଖଣି ରହିଥିବା ଖଣି ବିଭାଗ ସୂତ୍ରରୁ ଜଣାପଡିଛି। ଏଥି ସହିତ ଗଞ୍ଜାମ ଜିଲାରେ ୩୬ଟି ଗ୍ରାନାଇଟ କମ୍ପାନୀ ରହିଛି। ଅନେକ ଗ୍ରାନାଇଟ କମ୍ପାନୀଙ୍କ ଖଣି ନଥିବାରୁ ଖଣି ଲିଜଧାରୀଙ୍କ ଉପରେ ନିର୍ଭର କରୁଛନ୍ତି। ଅଧିକ ଲାଭ ଆଶାରେ ଲିଜଧାରୀମାନେ ସିଧାସଳଖ ବାହାରକୁ ପଥର ଚାଲାଣ କରୁଥିବାରୁ ଗ୍ରାନାଇଟ କମ୍ପାନୀମାନେ ସଂକଟରେ ପଡିଯାଇଛନ୍ତି। ଖାଦାନର ୬୦ ପ୍ରତିଶତ ଗ୍ରାନାଇଟ ସ୍ଥାନୀୟ କମ୍ପାନୀ ପ୍ରୋସେସ୍ କରିବା ସରକାରୀ ନିୟମ ରହିଛି। ଏଭଳି ହେଲେ ଶ୍ରମିକ ନିଯୁକ୍ତି ସୃଷ୍ଟି ହୁଅନ୍ତା ବୋଲି ଜିଲା ଶିଳ୍ପ କେନ୍ଦ୍ରରୁ ସୂଚନା ମିଳିଛି। ପ୍ରାୟ ୨୦ଟି ଖଣି ବିଭିନ୍ନ କାରଣରୁ ବନ୍ଦ ରହିଛି। ଉକ୍ତ ଖଣିଗୁଡିକରେ ମହିଳା ଓ ପୁରୁଷ ଶ୍ରମିକ କାମ କରୁଥିଲେ। ଯେଉଁ ଖଣିଗୁଡିକ ବନ୍ଦ ହୋଇଛି ସେଥିରୁ କଳା ଓ ଧଳା ପଥର ଉତ୍ତୋଳିତ ହେଉଥିଲା। ଖଣି ଲିଜଧାରୀମାନେ ଅଧିକ ଲାଭ ଆଶାରେ ଉତ୍ତୋଳିତ ଗ୍ରାନାଇଟକୁ ଚାଇନା ଓ ସିଙ୍ଗାପୁର ସହ ବିଦେଶ ଅଞ୍ଚଳର ଗ୍ରାନାଇଟ କମ୍ପାନୀକୁ ପଠାଉଥିଲେ। ତେବେ ତାହା ଏବେ ବନ୍ଦ ହୋଇଥିବାରୁ ସରକାରଙ୍କ ବହୁ ରାଜସ୍ୱ ହାନୀ ହେଉଥିବା ଜଣେଙ୍କ ଲିଜ ଧାରୀ ପ୍ରକାଶ କରିଛନ୍ତି। ଖାଲି ସେତିକି ନୁହେଁ କମ୍ପାନୀ ଓ ଖାଦାନରେ କାମ କରୁଥିବା କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ଜୀବିକା ଦ୍ୱନ୍ଦ୍ୱରେ ପଡିଯାଇଛି। ଅନେକ ଶ୍ରମିକ ବାହାର ରାଜ୍ୟ ମୁହାଁ ହୋଇପଡିଛନ୍ତି। ଏ ସମ୍ପର୍କରେ ବିଧାନସଭାର ଶୀତ ଅଧିବେଶନରେ ପାରଳାଖେମୁଣ୍ଡି ବିଧାୟକ ପ୍ରଶ୍ନ କରିଥିଲେ। ଖଣିଜ ସମ୍ପଦ ସାଧାରଣତଃ ରାଜ୍ୟ ସରକାର ଅଧିକ ରାଜସ୍ୱ ପାଇଥାନ୍ତି। ଗତ ମାସ ୪ ତାରିଖରୁ କେତେକ ଗ୍ରାନାଇଟ ଖଣି ବନ୍ଦ କରି ଦିଆଯାଇଛି। କେଉଁ ନିୟମକୁ ଆଧାର କରି ଏହା ବନ୍ଦ ରହିଛି ବୋଲି ପଚାରିଥିଲେ। ବନ୍ଦ ପଡିଥିବା ଖାଦାନର ମାଲିକମାନେ ଖଣି ଚାଲାଇବାକୁ ଅନୁମତି ଦେବାକୁ ସରକାରଙ୍କ ନିକଟରେ ଅନୁରୋଧ କରାଯାଇଛି ବୋଲି ଲିଜଧାରୀଙ୍କ ପକ୍ଷରୁ କୁହାଯାଇଛି। ପୁନଃ ଲିଜ ଦେଲେ ଶ୍ରମ ସୃଷ୍ଟି ହେବା ସହିତ ସରକାର ଅଧିକ ରାଜସ୍ୱ ପାଇବେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଖଣି, ଶିଳ୍ପ, ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ବିଭୂତିଭୂଷଣ ଜେନାଙ୍କୁ ପଚାରିବାରୁ ସେ କହିଲେ ଯେ, ଗଞ୍ଜାମ ଓ ଗଜପତି ଜିଲାରେ ପ୍ରାୟ ୨୦ ଖଣି ବନ୍ଦ ରହିଛି। ସେମାନେ ଆବଶ୍ୟକ କାଗଜପତ୍ର ଦାଖଲ କରିନଥିବାରୁ ସରକାରଙ୍କ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯଦି ସେମାନେ କାଗଜପତ୍ର ଦାଖଲ କରିବେ ତେବେ ପୁନଃ ଚାଲୁ ହେବ ବୋଲି ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଘାଟିରେ ପିକ୍ଅପ୍ ଓଲଟିବା ଘଟଣାରେ ଏମ୍‌କେସିଜିରେ ଆଉ ଜଣଙ୍କ ମୃତ୍ୟୁ, ଗୁରୁତରଙ୍କୁ ଭେଟିଲେ ମନ୍ତ୍ରୀ

ବ୍ରହ୍ମପୁର,୧୨।୧୨ (ସୁବାସ ଚନ୍ଦ୍ର ପାଢ଼ୀ)



ଗୁରୁତରଙ୍କୁ ମନ୍ତ୍ରୀ ଭେଟୁଛନ୍ତି।

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି ଚିଟିଙ୍ଗ ଘାଟିରେ ବୁଧବାର ଏକ ପିକଅପ ଭ୍ୟାନ ଓଲଟି ପଡିଥିଲା। ଏଥିରେ ଚନ୍ଦ୍ରଗିରି ମେଡିକାଲରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ରାତ୍ର ଏମକେସିଜି ମେଡିକାଲରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ଆଉ ଜଣଙ୍କ ମୃତ୍ୟୁ ହୋଇଯାଇଛି । ସେ ହେଲେ ରାମଗିରି ଥାନା ଅନ୍ତର୍ଗତ କେସିଙ୍ଗ ଗ୍ରାମର ସୀତା ଭୂୟାଁ(୬୪) । ଏପଟେ ଉକ୍ତ ଭୟାନକ ଘଟଣାର ଖବର ପାଇ ବୁଧବାର ରାତିରେ ପରିବହନ ମନ୍ତ୍ରୀ ବିଭୂତି ଜେନା ଏମକେସିଜି ମେଡିକାଲରେ ପହଞ୍ଚି ଦୁର୍ଘଟଣାରେ ଆହତ ହୋଇ ଭର୍ତ୍ତି ହୋଇଥିବା ଗୁରୁତରଙ୍କୁ ଭେଟି ଚିକିତ୍ସା ସେବା ତ୍ୱରାନ୍ୱିତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନର୍ଦେଶ ଦେଇଛନ୍ତି । ବୁଧବାର ପୂର୍ବାହ୍ନ ୧୧ଟା ବେଳେ ଏକ ପିକଅପ ଭ୍ୟାନ(ଓଡି-୦୫-ଏଏ-୯୬୭୬) କେକେସିଂ ଗ୍ରାମରୁ ୩୬ ଯାତ୍ରୀଙ୍କୁ ନେଇ ଘାଇବାଲି ଗାଁକୁ ଯାଉଥିବା ବେଳେ ଚିଟିଙ୍ଗ ଘାଟିରେ ଓଲଟିପଡିଥିଲା। ସମସ୍ତ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚନ୍ଦ୍ରଗିରି ଡାକ୍ତରଖାନାରେ ବାସନ୍ତି ଭୂୟାଁ(୬୫) ଏବଂ ଚନ୍ଦ୍ରମା ଭୂୟାଁ(୬୬)ଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଗୁରୁତର ହୋଇ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ରାଧା କୁଦୁମ୍ବା(୫୬) ଓ ହରିବନ୍ଧୁ ଗମାଙ୍ଗ(୬୦)ଙ୍କ ଏଠାରେ ମୃତ୍ୟୁ ହୋଇଯାଇଥିଲା । ଗୁରୁତର ଅନ୍ୟ ୧୪ ଜଣଙ୍କୁ ଏମକେସିଜି ମେଡିକାଲର କାଜୁଆଲିଟି ରଖି ଚିକିତ୍ସା କରାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ସୀତା ଭୂୟାଁଙ୍କୁ ଡାକ୍ତରମାନେ ଗୁରୁବାର ସକାଳ ୯ଟା'ରେ ମୃତ ଘୋଷଣା କରିଥିଲେ। ସୀତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବର୍ତ୍ତମାନ ୧୩ ଜଣ ଗୁରୁତରଙ୍କୁ ସର୍ଜରୀ ବିଭାଗ ଓ ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି ହୋଇ ଥିବା ବେଳେ ସେମାନଙ୍କର ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ତରଳସିଂ ଗ୍ରାମର ରାମଚନ୍ଦ୍ର ପ୍ରଧାନଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯାଇଛି ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପିତ

ବ୍ରହ୍ମପୁର,୧୨।୧୨(ସ୍ୱାଧୀନ ଶେଖର ପାଢ଼ୀ)

୨ ଦିନ ଧରି ଚାଲିଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତା ସରିଛି। ଚଳିତବର୍ଷ ପୁରୁଷ ବିଭାଗରେ ଯୁକ୍ତ ୩ ଛାତ୍ର ସନ୍ତୋଷ ପ୍ରଧାନ ଚାମ୍ପିୟନ ହୋଇଥିବା ବେଳେ ମହିଳା ବିଭାଗରେ ଯୁକ୍ତ ୩ ଛାତ୍ରୀ ବ୍ଲେସିଂରାଣୀ ପ୍ରଧାନ ଚାମ୍ପିୟନ ହୋଇଛନ୍ତି । ଉଦଯାପନୀ ଉତ୍ସବରେ ଅନ୍ତର୍ଜାତୀୟ ଭାରୋତ୍ତୋଳକ କେ ରବି କୁମାର ମୁଖ୍ୟ ଅତିଥି ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ବିଭାଗ ନୋଡାଲ ଅଫିସର ଡ. ପ୍ରଶାନ୍ତ କୁମାର ନରେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ୱାର୍ଡେନ ଡ. ଦୀପକ କୁମାର ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ, ଡ. ଉଷାରାଣୀ ରଥ, ଡ. ଜତୀନ ବିଷୋୟୀ ଅତିଥିଭାବେ ମଞ୍ଚାସୀନ ଥିଲେ। ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅଧିନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଦୌଡକୁଦ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟପୁଟ, କବାଡି, ଖୋଖୋ, ବ୍ୟାଟମିଣ୍ଟନ, ବାସ୍କେଟ ବଲ, ଫୁଟବଲ ଭଳି ପ୍ରତିଯୋଗିତା ହୋଇଥିଲା। ସେହିପରି ପୂର୍ବରୁ ଏକ ସପ୍ତାହ ବ୍ୟାପି ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏକକ ଓ ଦଳଗତ ପ୍ରତିଯୋଗିତାରେ ମୋଟ ୧୧୯ଟି ଟ୍ରଫି ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

## ଭୁବନେଶ୍ୱର ନବୀନ ନିବାସରେ ପହଞ୍ଚିବାକୁ ଡାକରା

### ବ୍ରହ୍ମପୁର ବିଜେଡିରେ ଅନ୍ତଃ କନ୍ଦଳ

ବ୍ରହ୍ମପୁର,୧୨।୧୨(ନରସିଂହ ସାହୁ)

ବ୍ରହ୍ମପୁର ବିଜେଡିରେ ସୃଷ୍ଟି ହୋଇଥିବା ଅନ୍ତଃ କନ୍ଦଳ କ୍ରମଶଃ ତେଜିବାରେ ଲାଗିଛି। ମହାନଗର ନିଗମର ୩୬ ଦଳୀୟ କର୍ପୋରେଟର ବିଭାଜିତ ହୋଇଯାଇଛନ୍ତି। ରାମଲିଙ୍ଗେଶ୍ୱର ଉଦ୍ୟାନର ଆୟରୁ ଏକାଥରକେ ଏକ ଟ୍ରଷ୍ଟିକୁ ୬୨ ଲକ୍ଷାଧିକ ଟଙ୍କା କର୍ପୋରେସନ ବୈଠକରେ ଅନୁମୋ ନ ଥାଇ ପୈଠ କରାଯାଇଥିବା ପ୍ରସଙ୍ଗରେ ଗୋଟିଏ ଗୋଷ୍ଠୀ ମେୟର ଓ କମିଶନରଙ୍କୁ ଟାର୍ଗେଟ କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ଡେପୁଟି ମେୟରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଉଦ୍ୟମ ଚାଲିଥିବା ନେଇ ଅଭିଯୋଗ କରୁଛନ୍ତି। ତେବେ ଏହି ଗୋଷ୍ଠୀ କନ୍ଦଳର ଉଦ୍ଦେଶ୍ୟ ଭିନ୍ନ ଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଛି। ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ସକ୍ରିୟ ହୋଇଥିବାରୁ ବିବାଦ ସୂତ୍ରପାତ ହୋଇଥିବା କୁହାଯାଇଛି। କନ୍ଦଳ ବଢ଼ିଥିବାରୁ ଘଟଣା ଉପର ମହଲ ପର୍ଯ୍ୟନ୍ତ ଯାଇଛି। ୧୩ ତାରିଖ ଶୁକ୍ରବାର ଭୁବନେଶ୍ୱରରେ ହାଜର ହେବାକୁ ନବୀନ ନିବାସରୁ ଡାକରା ଆସିଛି। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଦଳର ସୁପ୍ରିମୋଙ୍କ ନିକଟରେ ହାଜର ହେଉଥିବା ସୁରାକ୍ ମିଳିଛି।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୧୬ ତାରିଖ ନବୀନଙ୍କ ଜନ୍ମଦିନରେ ବ୍ରହ୍ମପୁରରେ ବିକ୍ରମଙ୍କ ପକ୍ଷରୁ ଟାଉନ ହଲରେ ମେଗା ରକ୍ତଦାନ ଶିବିର ହୋଇଥିଲା। ଏଥିରେ ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ, ଜିଲା ସଭାପତି ଚ୍ୟାଉ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଦଳର ଏକ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ବିକ୍ରମ ଗୋପାଳପୁର ଆସନରୁ ନିର୍ବାଚନ ଲଢ଼ିଥିଲେ ଓ ସେଠାରେ ନ କରି ବ୍ରହ୍ମପୁରରେ କାହିଁକି ମୁଣ୍ଡ ପରାଉଛନ୍ତି ବୋଲି ମେୟର ଓ ଜିଲା ସଭାପତିଙ୍କ ସପକ୍ଷରେ ଥିବା ଗୋଷ୍ଠୀ ପ୍ରସଙ୍ଗ ଉଠାଇଥିଲେ। ପରେ ଅକ୍ଟୋବର ୨୧ରେ ଚ୍ୟାଉ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦଳର ବୈଠକରେ ୨୫ରୁ ଅଧିକ ବିଜେଡି କର୍ପୋରେଟର ଅନୁପସ୍ଥିତ ଥିଲେ। ବିକ୍ରମ ଓ ଚନ୍ଦ୍ରଶେଖର ମଧ୍ୟ ଯାଇ ନ ଥିଲେ। ଫଳରେ ବିବାଦ ବଢ଼ି ଦଳରେ ଥିବା ଗୋଷ୍ଠୀ କନ୍ଦଳ ପଦାକୁ ଆସିଥିଲା। ସେହି ମାସ ୨୩ରେ ୧୧ ବିଜେଡି କର୍ପୋରେଟର ଓ କେତେଜଣ ମହିଳା କର୍ପୋରେଟରଙ୍କ ସ୍ୱାମୀମାନେ ଆସାମ ଗସ୍ତରେ ଗଲେ। ସେତେବେଳେ ସେମାନଙ୍କୁ କୁଆଡ଼େ ବିକ୍ରମ ପଠାଇଥିବା ଚର୍ଚ୍ଚା ହୋଇଥିଲା।

## ୬୦ତମ ଗୀତା ଜୟନ୍ତୀ ଉଦ୍‌ଘାଟିତ

ଭଞ୍ଜନଗର,୧୨।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ତୁଳସିପଲ୍ଲୀ ରାଧାକୃଷ୍ଣ ମନ୍ଦିର ପରିସରରେ ତିନିଦିନିଆ ୬୦ତମ ଗୀତା ଜୟନ୍ତୀ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଛି। କମସରଗଡ ଗ୍ରାମର ପ୍ରବଚକ ସନ୍ତୋଷ ଭାଗବତ ଗୀତା ଉପରେ ପ୍ରବଚନ ଦେଉଛନ୍ତି। ଲେଖକ ଅରୁଣାଚଳ ପତିଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ସ୍ୱାମୀ ବିରଜାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରିଥିଲେ। ବ୍ୟାସ ଶିବରାମ ପାଢ଼ୀ, ନିଗମ ଅଧିକାରୀ ଏବଂ ତାଙ୍କ ସାଥୀ ଭଜନ ପରିବେଷଣ କରୁଛନ୍ତି। ସୁବାସ ତାରିଣୀ ଧନ୍ୟବାଦ ଦେଇଥିଲେ। ମହନ୍ତ ପଣ୍ଡିତ ରାଧାକାନ୍ତ ଦାସଜୀ ମହାରାଜ ଶୁକ୍ରବାର ବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଆନ୍ଧ୍ର ଓଡ଼ିଶା ଶିକ୍ଷକ ସଂଘର ମେଧା ସମ୍ମାନ ପ୍ରଦାନ ସମାରୋହ





କାର୍ଯ୍ୟକ୍ରମରେ ବାଚସ୍ପତିଙ୍କ ଉଦବୋଧନ।

ବ୍ରହ୍ମପୁର,୧୨।୧୨(ସ୍ମୃତି ରଞ୍ଜନ ମହାଲିକ)

ଆନ୍ଧ୍ର ଓଡିଶା ଶିକ୍ଷକ ସଂଘର ମେଧା ସମ୍ମାନ ପ୍ରଦାନ ସମାରୋହ ଓ ଛାତ୍ରୀଛାତ୍ରଙ୍କୁ କାହ୍ନୁ ବିହାରୀ ଚାରିଟେବୁଲ ଟ୍ରଷ୍ଟର ପୁରସ୍କାର ପ୍ରଦାନ ସମାରୋହ ଆନ୍ଧ୍ରପ୍ରଦେଶର କାଞ୍ଚିଲି କଲେଜଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବାଚସ୍ପତି ସୁରମା ପାଢି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ରାଜ୍ୟ ପରିବହନ, ବାଣିଜ୍ୟ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମ୍ମାନନୀୟ ଅତିଥି ରୂପେ ପାଲାସା ବିଧାୟିକା ଜି ଗିରୀଶା, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ସଭାପତି ପ୍ରଫେସର ଡ ଅଦ୍ୱୈତ କୁମାର ପାତ୍ର, ଆନ୍ଧ୍ର ପ୍ରଦେଶ ସଂଖ୍ୟାଲଘୁ କମିଶନ ସଭାପତି ସତ୍ୟ ନାରାୟଣ ପାଢି, ଶ୍ରୀକାକୁଲମ ଜିଲା ଶିକ୍ଷାଧିକାରୀ ଡ ଏସ ତିରୁମାଲା ଚୈତନ୍ୟ ଓ ଜିଲା ବିଦ୍ୟାଳୟ ଶିକ୍ଷା ନିରୀକ୍ଷକ ଦୁର୍ଗା ପ୍ରସାଦ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ଓଡିଆମାନ ବିଗତ ଦିନରେ ବହୁବାର ଅନ୍ୟ ଭାଷାଭାଷୀଙ୍କ ଦ୍ୱାରା ପ୍ରତାରିତ ହୋଇଥିଲେ ମଧ୍ୟ ଆମର ଓଡିଆ ଅସ୍ମିତାକୁ ଭୁଲିପାରି ନାହୁଁ ବୋଲି ବାଚସ୍ପତି କହିଥିଲେ। ଶ୍ରୀକାକୁଲମ, ବିଜୟାନଗରମ ଓ ବିଶାଖାପାଟଣା ଅଂଚଳରେ ବି ଓଡ଼ିଆ ପରମ୍ପରା ଦେଖିବାକୁ ମିଳୁଛି। କଳିଙ୍ଗ ଉତ୍କଳର ଆଗଙ୍ଗା ଗୋଦାବରୀ ବିଶାଳ ଭୂଖଣ୍ଡ ଓଡିଆଙ୍କର ବୋଲି ମୁଖ୍ୟ ଅତିଥି କହିଥିଲେ। ଏଥିସହ ସଂଘର ୧୦ଟି ଦାବି ପୂରଣ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୨୦୨୩ ଶିକ୍ଷା ବର୍ଷରେ ୧୦ମ ଶ୍ରେଣୀରେ ରାଜ୍ୟରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ କାହ୍ନୁ ବାଳକୃଷ୍ଣ ବିହାରୀ, ଉତ୍କଳ ସମ୍ମିଳନୀ ସଭାପତି ଡ ସୁବ୍ରତ କୁମାର ସାହୁ, ଉପସଭାପତି ବିମଳ ଚନ୍ଦ୍ର ଷଡଙ୍ଗୀ, ସମ୍ମିଳନୀର କେନ୍ଦ୍ରୀୟ କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର, ସଂପାଦକ ଦୀନବନ୍ଧୁ ଶ୍ରୀପଲବ, ଗଜପତି ଜିଲା ଉପସଭାନେତ୍ରୀ ଆଶାଲତା ପାଣିଗ୍ରାହୀ ଓ ଯୁଗ୍ମ ସଂପାଦିକା ଡ କଲ୍ୟାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ପିଙ୍କୁ ଭେଟିଲେ ୧୫ ସରପଞ୍ଚ, ଜଣେ ସମିତି ସଭ୍ୟ

ଗୋପାଳପୁର,୧୨।୧୨(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ୧୫ ପଞ୍ଚାୟତର ସରପଞ୍ଚ, ଜଣେ ସମିତି ସଭ୍ୟଙ୍କ ସମେତ କେତେଜଣ ବିଜେଡି ନେତା ଭୁବନେଶ୍ୱର ଯାଇ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ସାକ୍ଷାତ କରି ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିବା ଜଣାପଡିଛି। ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ଅନ୍ୟ ନେତାମାନେ ଏମ୍‌ପିଙ୍କୁ ଭେଟି ଆଲୋଚନା କରିବା ରାଜନୈତିକ ସ୍ତରରେ ହଟଚମଟ ସୃଷ୍ଟି କରିଛି।

ଗୁରୁବାର ଅପରାହ୍ନରେ କରାପଲ୍ଲୀ, ରଣ୍ଡା, ରଙ୍ଗେଇଲୁଣ୍ଡା, ବଳ୍ଳିପଲି, ହଳଦିଆପଦର, ପଦ୍ମପୁର, ରଙ୍ଗିପୁର ଓ ଅନ୍ୟ ପଞ୍ଚାୟତର ୧୫ ଜଣ ସରପଞ୍ଚ ଓ ଜଣେ ସମିତି ସଭ୍ୟ, ଯୁବ ନେତା ଶୁଭାଶିଷ ସାହୁ, ବାଇରୀ ପାତ୍ର, ଏସ. ଧର୍ମରାଜ ରେଡ୍ଡୀ ପ୍ରମୁଖ ଏମ୍‌ପିଙ୍କୁ ଭେଟି ବ୍ଲକରେ ଦୀର୍ଘ ଦିନ ଧରି ବିଡିଓ ସମେତ ଅନ୍ୟାନ୍ୟ ପଦବୀ ଖାଲି ପଡିଥିବାରୁ ବିଭିନ୍ନ ଉନ୍ନୟନମୂଳକ କାମ ଅଟକି ରହିଥିବା ଅବଗତ କରାଇଥିଲେ। ବ୍ଲକ ପକ୍ଷରୁ ପୁରୁଣା ବିଲ୍ ମଞ୍ଜୁର କରାଯାଉ ନ ଥିବା ନେଇ ଅଭିଯୋଗ କରିଲେ। ଏଥିସହ ଅଞ୍ଚଳର ରାଜନୈତିକ ପରିବେଶ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଚଳିତ ବିଧାନସଭା ନିର୍ବାଚନରେ ଗୋପାଳପୁର ବିଧାନସଭା ଆସନ ଭାଜପା ହାତକୁ ଯାଇଛି। ପୂର୍ବରୁ ୩ଥର ବିଧାୟକ ରୂପେ ନିର୍ବାଚିତ ହୋଇଥିବା ଏବଂ ଚଳିତ ନିର୍ବାଚନରେ ବ୍ରହ୍ମପୁର ଏମ୍‌ପି ଭାବେ ଡ. ପାଣିଗ୍ରାହୀ ବିଜୟୀ ହୋଇଛନ୍ତି।

## ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୯.୨

ଜି.ଉଦୟଗିରି,୧୨।୧୨(ଶିଶିର ପଟ୍ଟନାୟକ)

କିଛି ଦିନ ବ୍ୟବଧାନ ପରେ ପୁଣି ଜି.ଉଦୟଗିରିକୁ ଶୀତ ଫେରିଛି। ଗୁରୁବାର ସର୍ବନିମ୍ନ ତାପମାତ୍ରା ୯.୨ ଡିଗ୍ରୀ ସେଲସିୟସ ଥିବା ରେକର୍ଡ କରାଯାଇଛି। ବୁଧବାର ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲସିୟସ ଥିବା ବେଳେ ଗୁରୁବାର ୯.୨ ଡିଗ୍ରୀ ରହିଛି। ତାପମାତ୍ରା କମିଯିବା ଫଳରେ ସହର ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଅନ୍ୟପକ୍ଷରେ ଶୀତର ମଜା ନେବାକୁ ପର୍ଯ୍ୟଟକମାନଙ୍କ ଆସିବା ଆରମ୍ଭ ହୋଇଛି। କଳିଙ୍ଗା ବନ ଉଦ୍ୟାନ, ସିରିକି କଫି ବଗିଚା, ସିରିକି ଡ୍ୟାମ, ହିଲଟପ ଦେଖିବାକୁ ଭିଡ଼ ଲାଗି ରହୁଛି।

## ଗଞ୍ଜାମ କ୍ରିକେଟ ଲିଗ: ଋଷିକୁଲ୍ୟା ରେଞ୍ଜର୍ସଙ୍କୁ ହରାଇ ଗଞ୍ଜାମ ଟାଇଗର ବିଜୟୀ

ବ୍ରହ୍ମପୁର, ୧୨। ୧୨(ସ୍ୱାଧୀନ ଶେଖର ପାଢ଼ୀ)

ଗଞ୍ଜାମ କ୍ରିକେଟ ଲିଗ-୨୦୨୪ର ୧୭ମ ଲିଗ କ୍ରିକେଟ ଲିଗ ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିଏମ ଠାରେ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ୧୭ମ ଲିଗ ମ୍ୟାଚରେ ଋଷିକୁଲ୍ୟା ରେଞ୍ଜର୍ସ ବନାମ ଗଞ୍ଜାମ ଟାଇଗର ମଧ୍ୟରେ ହୋଇଥିଲା। ଋଷିକୁଲ୍ୟା ରେଞ୍ଜର୍ସ ନିର୍ଦ୍ଧାରିତ ୨୦ ଓଭରରେ ୧୮ ଓଭର ଖେଳି ସମସ୍ତ ଉଇକେଟ ହରାଇ ମାତ୍ର ୧୦୭ ରନ କରିଥିଲେ। ଜବାବରେ ଗଞ୍ଜାମ ଟାଇଗର ୮. ୩ ଓଭର ଖେଳି ଗୋଟିଏ ଉଇକେଟ ହରାଇ ୮୩ ରନ କରିଥିଲେ। ଆଲୁଅ ଅଭାବରୁ ଖେଳ ସ୍ଥଗିତ କରାଯାଇଥିଲା। ଡିଏଲ ମେଥଡ଼ରେ ୪୬ ରନରେ ବିଜୟୀ ଲାଭ କଲେ ଗଞ୍ଜାମ ଟାଇଗର । ଗଞ୍ଜାମ ଟାଇଗରର ଖେଳାଳି ଟୁକୁନା ସାହୁଙ୍କୁ ମେନ ଅଫ ଦା ମ୍ୟାଚ ବିବେଚିତ କରାଯାଇଛି । ମ୍ୟାଚରେ ଓସିଏ ପେନେଲ ଏମ୍ପାୟର ଦେବ ବ୍ରତ ଦେଓ ଓ ଶ୍ୟାମ ସୁନ୍ଦର ପଣ୍ଡା ସହଯୋଗ କରିଥିବା ବେଳେ ସ୍କୋରର ଭାବେ ବିବେକା ନନ୍ଦ ରାଉତ ଓ କମେଣ୍ଟ୍ରି ଭାବେ ଗୋପୀ କିଶନ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ୮ ଟି ଦଳ ଆସ୍କା ଉଷ୍ଟେର୍ସ, ସୋରଡ଼ା ସାମଶେର୍ସ, ଋଷିକୁଲ୍ୟା ରେଞ୍ଜର୍ସ, ଗଞ୍ଜାମ ଟାଇଗର, ପାଟପୁର ରୟାଲସ,ଖଲ୍ଲିକୋଟ ବିଜାର୍ଡ଼ସ,ବ୍ରହ୍ମପୁର ବୁଲ୍ସ, ଛତ୍ରପୁର ୱାରିୟର୍ସ ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ଏହି ଟି ୨୦ ମ୍ୟାଚ ଡିସେମ୍ବର ୬ ତାରିଖ ଆରମ୍ଭ ହୋଇ ୧୫ ରେ ଶେଷ ହେବ ।

## ଶିକ୍ଷା ବଞ୍ଚାଅ ଅଭିଯାନ ପକ୍ଷରୁ ଆରଡିସିଙ୍କୁ ସ୍ମାରକପତ୍ର



ଅଭିଯାନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର,୧୨।୧୨(ସ୍ମୃତି ରଞ୍ଜନ ମହାଲିକ)

ଜିଲା ଶିକ୍ଷାଧିକାରୀଙ୍କ ସ୍ୱେଚ୍ଛାଚାରୀ ନିଷ୍ପତ୍ତି ଓ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର ଦାବି ନେଇ ଜିଲା ଶିକ୍ଷା ବଂଚଅ ଅଭିଯାନ ପକ୍ଷରୁ ଗୁରୁବାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦକ୍ଷିଣାଂଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ପ୍ରଦାନ କରାଯାଇଛି। ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି ଯେ, ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଜଣେ କନିଷ୍ଠ କିରାଣୀଙ୍କୁ ଚାକିରୀରୁ ଜିଲା ଶିକ୍ଷାଧିକାରୀ ବହିଷ୍କାର କରିଛନ୍ତି। କିରାଣୀ ଜଣକ ଗରିବ ହୋଇଥିବା ବେଳେ ତାଙ୍କ ପ୍ରତି ହୋଇଥିବା ଏଭଳି ନିଷ୍ପତ୍ତିକୁ ମଂଚ ନିନ୍ଦା କରିଛି। ଏଣୁ ନିଷ୍ପତ୍ତି ପ୍ରତ୍ୟାହାର କରି କିରାଣୀଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ମଂଚ ଦାବି କରିଛି। ଦାବି ପତ୍ର ପ୍ରଦାନ ବେଳେ ମଂଚର ସଭାପତି ରବି ରଥ, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଉପସଭାପତି ଶ୍ୟାମ ସୁନ୍ଦର ଖାଡଙ୍ଗା, ଓଷ୍ଟା ଗଞ୍ଜାମର ପୂର୍ବତନ ସଂପାଦକ କାମରାଜୁ ମହାରଣାଙ୍କ ସମେତ ମଂଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପ୍ରଥମ ଦିବସରେ ସ୍ଥାନୀୟ କଳାକାରଙ୍କ ଲୋକନୃତ୍ୟ ମନ ଜିଣିଲା

### ଦେବଗିରି ଉତ୍ସବ

ଗୁମ୍ମା,୧୨।୧୨(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାରମ୍ପରିକ ଦେବଗିରି ଉତ୍ସବ-୨୦୨୪ ଆରମ୍ଭ ହୋଇଛି। ଏହାର ପ୍ରଥମ ଦିବସରେ ସାଂସ୍କୃତିକ ଲାଞ୍ଜିଆ ସଉରା ଲୋକ ନୃତ୍ୟ ପରିବେଷଣ କରି ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ଜିଣିଥିଲେ। ଉତ୍ସବରେ ଅତିଥି ଭାବେ ପାରଳା ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଗୁଣନିଧି ନାୟକ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୃଥ୍ୱିରାଜ ମଣ୍ଡଳ, ତହସିଲଦାର ଦେବୀ ପ୍ରସନ୍ନ ସ୍ୱରସ୍ୱତ, ବିଡ଼ିଓ ଲୋକନାଥ ଶବର, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ପାରଳା ପୋରାଧକ୍ଷ ନିର୍ମଳା ସେଠୀ ଓ ସମିତି ସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଦିବାସୀ ଲୋକକଳା, ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ନାଟକ ଓ ସଂସ୍କୃତିର ପୁନଃରୁଦ୍ଧାର ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ କରାଯିବା ସହ ଲୁକ୍କାୟିତ ପ୍ରତିଭାର ବିକାଶ ଲାଗି ଉଦ୍ୟମ କରାଯାଇଥିବା ଜଣାପଡିଛି। ସେହିପରି ଗୁମ୍ମା ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଆଦିବାସୀ ଲୋକନୃତ୍ୟ ପରିବେଷଣ କରିବା ସହିତ ଆଲବମ ଅଭିନେତ୍ରୀ ରାମଞ୍ଜଳି ପ୍ରିୟଦର୍ଶୀଙ୍କ ଗୀତ ନାଚ ଦେଖିବାକୁ ମିଳିଥିଲା। ଏହି ଅବସରରେ ସ୍ଥାନୀୟ ବୁଦ୍ଧିଜୀବୀ, କଳାକାର, ଆଇନଜୀବୀ ଓ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସମ୍ମାନିତ ବ୍ୟକ୍ତିବିଶେଷ।

